# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | YEAR OF OUR LORD JESUS CHRIST, 2024 JUNE | No.04


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୨୧:୧-୧୦)

୧ ରାଜାର ଅନ୍ତଃକରଣ ସଦାପ୍ରଭୁଙ୍କ ହସ୍ତରେ ଜଳପ୍ରଣାଳୀ ତୁଲ୍ୟ ଥାଏ; ସେ ଯେଉଁ ଆଡ଼େ ଇଚ୍ଛା, ସେ ଆଡ଼େ ତାହା ଫେରାନ୍ତି ।

୨ ମନୁଷ୍ୟର ସବୁ ଗତି ଆପଣା ଦୃଷ୍ଟିରେ ଯଥାର୍ଥ, ମାତ୍ର ସଦାପ୍ରଭୁ ହୃଦୟସବୁ ତୌଲନ୍ତି ।

୩ ବଳିଦାନ ଅପେକ୍ଷା ନ୍ୟାୟ ଓ ସୁବିଚାର ସଦାପ୍ରଭୁଙ୍କର ଅଧିକ ଗ୍ରାହ୍ୟ ।

୪ ଦୃଷ୍ଟ ଲୋକମାନଙ୍କ ପ୍ରଦୀପ ସ୍ୱରୂପ ଯେ ଅହଙ୍କାର-ଦୃଷ୍ଟି ଓ ଗର୍ବିତ ମନ, ତାହା ପାପଜନକ ।

୫ କର୍ମଶୀଳର ସଙ୍କଳ୍ପରୁ କେବଳ ପ୍ରଚୁରତା ଜନ୍ମେ; ମାତ୍ର ପ୍ରତ୍ୟେକ ହଠାତ୍ କର୍ମକାରୀ କେବଳ ଅଭାବ ଆଡ଼େ ଯାଏ ।

୬ ମିଥ୍ୟାବାଦୀ ଓଷ୍ଠ ଦ୍ୱାରା ପ୍ରାପ୍ତ ଧନ ଏଣେ ତେଣେ ଚାଳିତ ବାଷ୍ପ ତୁଲ୍ୟ, ଯେଉଁମାନେ ତାହା ଅନ୍ୱେଷଣ କରନ୍ତି, ସେମାନେ ମୃତ୍ୟୁ ଅନ୍ୱେଷଣ କରନ୍ତି ।

୭ ଦୁଷ୍ଟମାନଙ୍କର ଦୌରାତ୍ମ୍ୟ ସେମାନଙ୍କୁ ଉଡ଼ାଇ ଘେନିଯିବ; ଯେହେତୁ ସେମାନେ ନ୍ୟାୟ କରିବାକୁ ନାସ୍ତି କରନ୍ତି ।

୮ ଦୋଷରେ ଭାରାକ୍ରାନ୍ତ ଲୋକର ପଥ ଅତିଶୟ ବକ୍ର; ମାତ୍ର ପବିତ୍ର ଲୋକର କର୍ମ ସଳଖ ।

୯ କଳିହୁଡ଼ି ସ୍ତ୍ରୀ ସଙ୍ଗରେ ପ୍ରଶସ୍ତ ଗୃହରେ ବାସ କରିବା ଅପେକ୍ଷା ଛାତର ଏକ କୋଣରେ ବାସ କରିବା ଭଲ ।

୧୦ ଦୁଷ୍ଟ ଲୋକର ମନ ଅନିଷ୍ଟ ପାଞ୍ଚେ, ପୁଣି ତାହାର ଦୃଷ୍ଟିରେ ତାହାର ପ୍ରତିବାସୀ କିଛି ଅନୁଗ୍ରହ ପାଏ ନାହିଁ ।

# ଏହାଠାରେ ପ୍ରଭୁଙ୍କର ପ୍ରୟୋଜନ ଅଛି ! THE LORD NEEDS YOU!

ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲିନା ସେଲ୍‌ଭାକୁମାରୀ



ମୋର ''ଆହ୍ୱାନର ପ୍ରତିଧ୍ୱନି''ର ସମସ୍ତ ସଂପ୍ରସାରିତ ପରିବାର ସଦସ୍ୟମାନଙ୍କୁ ଅଭିବାଦନ ।

ଆମେ ଯେ ଏତେ ଶୀଘ୍ର ୨୦୨୪ର ପ୍ରଥମ ଅର୍ଦ୍ଧେକ ଭାଗ ସଂପୂର୍ଣ୍ଣ କରି ସାରିଛୁ - ଏହା ମୁଁ ବିଶ୍ୱାସ କରି ପାରୁ ନାହିଁ । ସମୟ ଅତି କ୍ଷିପ୍ର ଗତିରେ ଉଡି ଯାଉଛି । ବାଇବଲ କାହିଁକି ଆମକୁ ଜ୍ଞାନର ସହିତ ଆମର ସମୟକୁ ବ୍ୟବହାର କରିବାକୁ କହିଛି, ତାହା ମୁଁ ଚିନ୍ତା କରୁଛି । **''ସମୟର ସଦ୍‌ବ୍ୟବହାର କର''** (ଏଫିସୀୟ ୫:୧୬) । ଯୀଶୁ ଖ୍ରୀଷ୍ଟଙ୍କ ଅପେକ୍ଷା ଅନ୍ୟ କେହି ସମୟକୁ ଏତେ ଉତ୍ତମଭାବେ ଜାଣିପାରେ ନାହିଁ । ଜଗତକୁ ତାଙ୍କର ଆସିବାର ଉଦ୍ଦେଶ୍ୟକୁ କେତେବେଳେ ଜଗତ ନିକଟରେ ଗୁପ୍ତ ରଖିବାକୁ ଓ କେତେବେଳେ ଘୋଷଣା କରିବାକୁ ହେବ, ତାହା ସେ ଜାଣିଥିଲେ ।

ମାର୍କ ୧୧ରେ ଯିରୂଶାଲମ ମଧ୍ୟକୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ସେତେବେଳେ ପର୍ଯ୍ୟନ୍ତ, ସେ ଯେ ମସିହ ଅଟନ୍ତି, ଏହା ଯୀଶୁ ଖ୍ରୀଷ୍ଟ ପ୍ରକାଶ୍ୟରେ ସ୍ୱୀକାର କରି ନ ଥିଲେ । ମାତ୍ର ଯେତେବେଳେ ସେ ଗର୍ଦ୍ଦଭ ଉପରେ ଆରୋହଣ କରି ଯିରୂଶାଲମରେ ପ୍ରବେଶ କରିଥିଲେ, ସେତେବେଳେ ସେ ପ୍ରକାଶ୍ୟରେ ନିଜକୁ ମସିହ ବୋଲି ଘୋଷଣା କରିଥିଲେ ଓ ଏହିପରି ଭାବରେ ଯିଖରୀୟ ୯:୯ର ଭାବବାଣୀ ସଫଳ କରିଥିଲେ ।




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"ସଦାପ୍ରଭୁଙ୍କ ଗୌରବ ଅନନ୍ତକାଳ ଥାଉ, ସଦାପ୍ରଭୁ ଆପଣା କାର୍ଯ୍ୟ ସକଳରେ ଆନନ୍ଦ କରନ୍ତୁ" (ଗୀତ ୧୦୪:୩୧) ।



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


**HON. EDITOR-IN-CHIEF**
Rev. Angeline S. Kumari, M.A., M.Sc., M.Ed.

**HON. MANAGING EDITOR**
Pastor Alex Samson Sam, B.Th., M.Div.

**GENERAL MANAGER**
Bro. N. Prakasam, M.A., M.Sc.(C&P), PGDHRM, MBA.

**ADMINISTRATION**
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)

**EDITORIAL BOARD**
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran



**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858

**E.MAIL**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org
www.stpaulsmatriculation.com

**YOUTUBE CHANNEL**
Echo of His Call


### ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

*ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ସର୍ବାଧିକ ଆଶ୍ଚର୍ଯ୍ୟଜନକ ନାମରେ ଅଭିବାଦନ ଜଣାଉଅଛୁ ?*

*ଆପଣମାନେ ଯେପରି ଜାଣନ୍ତି, ସେହିପରି ଆମେ ୨୦୨୪ ଜୁନ ୧ ତାରିଖରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ପାଇଁ ଉପାଧି ପ୍ରଦାନ ଉତ୍ସବର ଆୟୋଜନ କରିବା ପରେ, ୨୦୨୪ ଜୁନ୍ ୩ରେ ଚେପକ୍‌ସ୍ଥିତ (ତାମିଲ ମାଧ୍ୟମ), ସନ୍ତୋଷପୂରମ୍ ସ୍ଥିତ (ତାମିଲ ମାଧ୍ୟମ) ଓ ଭେଲାଚେରୀ ସ୍ଥିତ (ହିନ୍ଦୀ ମାଧ୍ୟମ ଆବାସିକ) ନିହିମିୟା ବାଇବଲ କଲେଜ ଗୁଡ଼ିକୁ ପୁନର୍ବାର ଖୋଲିବା ନେଇ ବ୍ୟସ୍ତ ଅଛୁ । ଉତ୍ତୀର୍ଣ୍ଣ ଛାତ୍ରମାନେ ଭିନ୍ନ ଭିନ୍ନ ସ୍ଥାନରେ, ଅର୍ଥାତ୍ ଯେଉଁଠାରେ ମଣ୍ଡଳୀ ନାହିଁ, ସେହି ସ୍ଥାନରେ ନୂତନ ମିଶନ କାର୍ଯ୍ୟ ଆରମ୍ଭ କରିବେ । ଦୟାକରି ଏଥି ନିମନ୍ତେ ପ୍ରାର୍ଥନା କରନ୍ତୁ ।*

*ଆମେ ଆମର ହିନ୍ଦୀ ମାଧ୍ୟମ ନିହିମିୟା ବାଇବଲ କଲେଜ ପାଇଁ* M.Div *କିମ୍ବା* M.Th *ର ଯୋଗ୍ୟତା ରଖିଥିବା ଅଧ୍ୟାପକ ଆବଶ୍ୟକ କରୁଅଛୁ । ଆହୁରି ମଧ୍ୟ ଆମେ ଆମର ହିନ୍ଦୀ ମାଧ୍ୟମ ନିହିମିୟା ବାଇବଲ କଲେଜ ପାଇଁ ଅଧିକ ଛାତ୍ର ଆବଶ୍ୟକ କରୁଅଛୁ ।*

*ଆମେ ଆମର ଇଂରାଜୀ ମାଧ୍ୟମ ଖ୍ରୀଷ୍ଟିଆନ ସ୍କୁଲ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଯେପରି ଯଥେଷ୍ଟ ଛାତ୍ର ପାଇବୁ, ଏଥିପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ଆମେ ଉତ୍ତମ ଆତ୍ମିକ ନେତାମାନଙ୍କୁ ଉତ୍ପନ୍ନ କରିବା ପାଇଁ ଓ ସୁସମାଚାର ପହଞ୍ଚି ନ ଥିବା ସ୍ଥାନ ଗୁଡ଼ିକରେ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରୁଅଛୁ । ଆମେ ଆପଣମାନଙ୍କର ପ୍ରାର୍ଥନା ସହାୟତା ଆବଶ୍ୟକ କରୁଅଛୁ ।*

*ଏବେ ଏବେ, ପ୍ରଭୁଙ୍କର କାର୍ଯ୍ୟ ଉନ୍ନତ ହେଉଥିବାରୁ, ଆମେ କିଛି ଆତ୍ମିକ ଯୁଦ୍ଧର ସମ୍ମୁଖୀନ ହେଉଅଛୁ । ଆମର ଅଧିକାଂଶ କର୍ମଚାରୀ କିମ୍ବା ସେମାନଙ୍କ ପରିବାରର ସଦସ୍ୟମାନେ ଗୁରୁତର ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଓ ସେଥିପାଇଁ ସେମାନେ ସେମାନଙ୍କ ସେବାକାର୍ଯ୍ୟ ଉପରେ ମନୋନିବେଶ କରିପାରୁ ନାହାଁନ୍ତି ।*

*ଦୟାକରି ଆପଣମାନଙ୍କର ପ୍ରାର୍ଥନା ଓ ସ୍ୱେଚ୍ଛାଦାନ ମାଧ୍ୟମରେ ଆମକୁ ସାହାଯ୍ୟ କରନ୍ତୁ । ଆମ ନିକଟରେ ଅର୍ଥର ଅଭାବ ଥିବାରୁ, ଆମେ ଆମର ଅଧିକାଂଶ କ୍ଷେତ୍ରୀୟ କର୍ମଚାରୀମାନଙ୍କ ନିକଟକୁ ଅର୍ଥ ସହାୟତା ଓ ଦରମା ପ୍ରେରଣ କରି ପାରୁ ନାହିଁ । ଆମେ ସମସ୍ତେ ଆମର ଆବଶ୍ୟକତା ପାଇଁ ଆମ ପ୍ରଭୁଙ୍କ ଚକ୍ଷୁ ପ୍ରତି ଆଗ୍ରହର ସହିତ ଦୃଷ୍ଟିପାତ କରୁଅଛୁ ।*

*ଆମେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**


ପାଳକ ଆଲେକ୍ସ ସାମ୍‌ସନ୍ ସାମ୍
ପାଳକ ଏସ୍.ସାମ୍.ସେଲ୍‌ଭାରାଜ
(+91) 98412 71858 / 98410 71858, E.mail : sam@echoofhiscall.org


ଯୀଶୁଙ୍କ ନିକଟକୁ ଗଧଛୁଆଟିକୁ ଆଣି ସେମାନେ ତାହା ଉପରେ ଆପଣା ଆପଣା ଲୁଗା ପକାଇଦେଲେ, ଆଉ ସେ ତାହା ଉପରେ ବସିଲେ ।

ପୁଣି ଅନେକେ ପଥରେ ଆପଣା ଆପଣା ଲୁଗା ବିଛାଇଲେ ଓ ଅନ୍ୟମାନେ କ୍ଷେତରୁ ଡାଳ କାଟି ଆଣି ବିଛାଇଦେଲେ ।

(ମାର୍କ ୧୧:୭-୮) ।



ଊର୍ଦ୍ଧ୍ୱ ଲୋକରେ ହୋଶାନ୍ନା


Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

**ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ**

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

ଯୀଶୁ ତାଙ୍କ ପ୍ରତି କ'ଣ ଘଟିବାକୁ ଯାଉଛି, ତାହା ଅତି ଭଲ ଭାବରେ ଜାଣିଥିଲେ, ତଥାପି ସେ ଏହି ଯାତ୍ରା କରିଥିଲେ କାରଣ ଏହା ସଠିକ୍ ସମୟ ବୋଲି ସେ ଜାଣିଥିଲେ । ଉଚ୍ଚ ଧ୍ୱନି, ଗୀତ ଓ ପ୍ରଶଂସା ଶୁଣୁଥିବା ସମୟରେ, ଯୀଶୁ ଖ୍ରୀଷ୍ଟ ଏହା ଜାଣିଥିଲେ ଯେ ଅତି ଅଳ୍ପ ଦିନ ଭିତରେ ସେ ଅପମାନିତ, ପ୍ରହାରିତ ହେବେ ଓ ତାଙ୍କ ଉପରେ ଛେପ ପକାଯିବ ଓ ସେ କ୍ରୁଶାର୍ପିତ ହେବେ । କ୍ରୁଶ ଉପରେ ତାଙ୍କର ମୃତ୍ୟୁ ଆଗାମୀ ଯୁଗଗୁଡ଼ିକ ପାଇଁ ଏକ ଆଶୀର୍ବାଦ ହେବ ଓ ତାଙ୍କର ଭଗ୍ନତା ସମସ୍ତ ମାନବ ଜାତି ପ୍ରତି ଉଦ୍ଧାର ଆଣିବ ବୋଲି ସେ ଜାଣିଥିଲେ ।

ମାର୍କ ୧୧ ଅଧ୍ୟାୟ ପଢୁଥିବା ସମୟରେ, ତିନୋଟି ପଦ ମୋର ଦୃଷ୍ଟି ଆକର୍ଷଣ କରିଥିଲା :

ସେ ସେମାନଙ୍କୁ କହିଥିଲେ, **"ତୁମ୍ଭମାନଙ୍କ ସମ୍ମୁଖସ୍ଥ ସେହି ଗ୍ରାମକୁ ଯାଅ, ସେଥିରେ ପ୍ରବେଶ କରିବା କ୍ଷଣି, ଯାହା ଉପରେ କେହି କେବେ ଚଢ଼ି ନାହିଁ, ଏପରି ଗୋଟିଏ ଗଧ ଛୁଆକୁ ବନ୍ଧା ହୋଇଥିବା ଦେଖିବ, ତାକୁ ଫିଟାଇ ଘେନି ଆସ"** (ମାର୍କ ୧୧:୨) ।



**ଶିଷ୍ୟମାନେ ଗୋଟିଏ ଗଧ ଛୁଆକୁ ବନ୍ଧା ହୋଇଥିବାର ଦେଖିଲେ ।**

**୧. ଦେଖିବା !**
**୨. ଫିଟାଇବା !**
**୩. ଘେନି ଆସିବା**

## ୧. ଦେଖିବା

ଯୀଶୁ ଖ୍ରୀଷ୍ଟ ତାଙ୍କର ଦୁଇ ଜଣ ଶିଷ୍ୟଙ୍କୁ ଗୋଟିଏ ଗଧ ଖୋଜି ଆଣିବା ପାଇଁ ପଠାଇଲେ । ଗଧ ଶାନ୍ତିର ଏକ ପ୍ରତୀକ ଅଟେ, ଶଲୋମନ ମିଶରରୁ ଆଣିଥିବା ଅଶ୍ୱ ଭଳି ଏହା ଯୁଦ୍ଧର ଏକ ପ୍ରତୀକ ନୁହେଁ । ଗଧ ନମ୍ରତା ଓ ଭାରୀ ବୋଝ ବହନ କରୁଥିବା କୌଣସି ଏକ ବିଷୟର ମଧ୍ୟ ପ୍ରତୀକ ଅଟେ । ଏହା ଅତି ଆକର୍ଷଣୀୟ ନୁହେଁ ମାତ୍ର ଯିହୁଦୀମାନେ ଏହାକୁ ସେମାନଙ୍କ କ୍ଷେତ ଓ ବ୍ୟବସାୟରେ ବହୁଳଭାବରେ ବ୍ୟବହାର କରୁଥିଲେ ।

ଶିଷ୍ୟମାନେ ଯେପରି ଯିବେ ଓ ଗୋଟିଏ ଗଧ ଆଣିବେ, ଏହା ଯୀଶୁଙ୍କର ଆଦେଶ ଥିଲା ।

ଈଶ୍ୱର ଏପର୍ଯ୍ୟନ୍ତ ଗଧଗୁଡ଼ିକୁ (ଆପଣଙ୍କୁ ଓ ମୋତେ) ଖୋଜିବା କାର୍ଯ୍ୟ କରୁଛନ୍ତି । ସେ ଏପର୍ଯ୍ୟନ୍ତ ଏପରି ଜଣଙ୍କୁ ଖୋଜୁଛନ୍ତି ଯିଏ ତାଙ୍କୁ, ତାଙ୍କର ବାକ୍ୟ ଓ ଉଦ୍ଦେଶ୍ୟକୁ ବହନ କରିପାରିବ । ସେ ଅତି ଆଗ୍ରହର ସହିତ ଏପରି ଜଣଙ୍କୁ ଖୋଜୁଛନ୍ତି ଯାହା ନିକଟରେ ପ୍ରଭୁଙ୍କ ଦ୍ୱାରା ବ୍ୟବହୃତ ହେବା ପାଇଁ ସମୟ, ଇଚ୍ଛା ଓ ଉପସ୍ଥିତି ରହିଥିବ । ସେ ଜଣେ ବ୍ୟସ୍ତ ମାନବ ସମ୍ବଳ ପରିଚାଳକ ଅଟନ୍ତି ।

ମାତ୍ର ଯେତେବେଳେ ଶିଷ୍ୟମାନେ ଗଧ ଖୋଜିବାକୁ ଗଲେ, ସେତେବେଳେ ସେମାନେ ଗଧଟିକୁ

- ଦ୍ୱାର ନିକଟରେ ବନ୍ଧା ଯାଇଥିବା ଦେଖିଲେ ।
- ସେଠାରେ ଦୁଇଟି ରାସ୍ତା ପରସ୍ପର ସହିତ ମିଶି ଯାଇଥିଲା (ଛକ ରାସ୍ତାରେ) ।

୨୦୨୪ରେ ବାସ କରୁଥିବା ଆମ ପରି ଲୋକମାନେ ବ୍ୟସ୍ତ ଓ ବନ୍ଧନଗ୍ରସ୍ତ ଅଟୁ - ଆପଣ କାହିଁକି ବାଇବଲ ଅଧ୍ୟୟନ ପାଇଁ ଆସୁ ନାହାନ୍ତି ? **"ମୁଁ କାର୍ଯ୍ୟ ଦ୍ୱାରା ବନ୍ଧା ଯାଇଥିବା ଜଣେ ପାଳକ ଅଟେ ।"** ମୁଁ ଆପଣଙ୍କୁ ଗତ ସପ୍ତାହ ଗୀର୍ଜାରେ ଦେଖି ନ ଥିଲି । **"ମୁଁ ଦୁଃଖିତ, ପାଳକ, ମୁଁ ମୋର ବ୍ୟକ୍ତିଗତ କାର୍ଯ୍ୟ"** କିମ୍ବା ପାରିବାରିକ କର୍ତ୍ତବ୍ୟ ସହିତ ବନ୍ଧା ଥିଲି । ଆପଣ କାହିଁକି ସଙ୍ଗୀତ ଉପାସନାର ଅଭ୍ୟାସ କରିବାକୁ ଆସି ନ ଥିଲେ ? **"ଦୁଃଖିତ, ମୁଁ ମୋର ପାଟ ପଢ଼ାରେ ବନ୍ଧା ଥିଲି ।"** ଦୟାକରି ମୋତେ ଭୁଲ୍ ବୁଝନ୍ତୁ ନାହିଁ, ଏହି ସମସ୍ତ ବିଷୟ ଗୁରୁତ୍ୱପୂର୍ଣ୍ଣ ଅଟେ । ମାତ୍ର ଶୟତାନ କିପରି ଆମକୁ ବ୍ୟସ୍ତ ରଖିଅଛି, କାର୍ଯ୍ୟ, ପରିବାର, ସଂପର୍କ, ଶିକ୍ଷା ଓ ଅର୍ଥ ଉପାର୍ଜ୍ଜନ ସହିତ ବାନ୍ଧି ଦେଇଅଛି ଏହା ଆମେ ବୁଝିବା ଆବଶ୍ୟକ ।

ଲୋକମାନେ କିପରି ଅଧିକ ରୋଜଗାର କରିବେ, ଅଧିକ ସଞ୍ଚୟ କରିବେ, ଏହା ଚିନ୍ତା କରନ୍ତି । ନା, ଏହା ସଂପୂର୍ଣ୍ଣ ମୂର୍ଖାମୀ ଅଟେ, ଆମେ ଯେତିକି ଅର୍ଥ ଉପାର୍ଜ୍ଜନ କରୁ, ଆମର ଖର୍ଚ୍ଚ ସେତେ ଅଧିକ ହୋଇଯାଏ । ବେଳେବେଳେ ଲୋକମାନେ ଜିନିଷ ପତ୍ର କିଣନ୍ତି ଓ ଧାର ଶୁଝିବା ପାଇଁ ଏତେ ସମୟ କାର୍ଯ୍ୟ କରନ୍ତି ଯେ ସେମାନେ ଯାହା କ୍ରୟ କରିଥା'ନ୍ତି, ତାହାକୁ ଉପଭୋଗ କରିବା ପାଇଁ ସେମାନଙ୍କ ନିକଟରେ ସମୟ ନ ଥାଏ ।

ଯେଉଁ ଲୋକମାନେ ତାଙ୍କୁ ବହନ କରିପାରିବେ, ଏପରି ଲୋକମାନଙ୍କୁ ଖୋଜିବାରେ ଈଶ୍ୱର ବ୍ୟସ୍ତ ଥାଆନ୍ତି, ମାତ୍ର ସେ କେବଳ ଦ୍ୱାରରେ, ଅର୍ଥାତ୍, କାର୍ଯ୍ୟର ଦ୍ୱାରରେ, ଗୃହ ନିର୍ମାଣର ଦ୍ୱାରରେ, ସେମାନଙ୍କ ନିଜସ୍ୱ ସାମ୍ରାଜ୍ୟ ଗଢ଼ିବା, ସେମାନଙ୍କ ସୀମା ବୃଦ୍ଧି କରିବା ଦ୍ୱାରରେ ବନ୍ଧା ଯାଇଥିବାର ଦେଖନ୍ତି ।

ଆପଣ ଇଂରାଜୀ ଶବ୍ଦ **'BUSY'** (ଅର୍ଥାତ୍ ବ୍ୟସ୍ତ) କାହାର ପ୍ରତିନିଧିତ୍ୱ କରେ, ତାହା ଜାଣନ୍ତି କି ? **Being Under the Satan's Yoke** (ଶୟତାନର ଯୁଆଳି ଅଧୀନରେ ରହିବା) । ସେ

**B – Being (ରହିବା)**
**U – Under the (ଅଧୀନରେ)**
**S – Satan's (ଶୟତାନର)**
**Y – Yoke (ଯୁଆଳି)**

ଆମକୁ ଏତେ ବ୍ୟସ୍ତ ରଖେ ଯେପରି ଆମ ନିକଟରେ ପ୍ରାର୍ଥନା କରିବା ପାଇଁ, ବାଇବଲ ପଢ଼ିବା ପାଇଁ, ଉପବାସ କରିବା ପାଇଁ, ଧ୍ୟାନ କରିବା ପାଇଁ, ସହଭାଗିତା ରଖିବା ପାଇଁ ଓ ଗୀର୍ଜାକୁ ଯିବା ପାଇଁ ସମୟ ରହିବ ନାହିଁ ।

**ଈଶ୍ୱର ଆମକୁ ଶୟତାନର ଭାରୀ ଓ କ୍ଲାନ୍ତିକର ଯୁଆଳି ଅଧୀନରୁ ବାହାରି ତ୍ରାଣକର୍ତ୍ତାଙ୍କର ଯୁଆଳି**



**ଯୀଶୁ ଆପଣଙ୍କ ପ୍ରତି ଯତ୍ନଶୀଳ**

**ଅଧୀନକୁ ଆସିବାରେ ସାହାଯ୍ୟ କରନ୍ତୁ । ତାଙ୍କର ଯୁଆଳି ସହଜ ଓ ଉଶ୍ୱାସ ଅଟେ** (ମାଥିଉ ୧୧:୨୮-୩୦) ।

ଯଦି ଆମେ ତ୍ରାଣକର୍ତ୍ତାଙ୍କର ଯୁଆଳି ଅଧୀନରେ ରହିବା ନାହିଁ, ତେବେ ଆମେ ଶୟତାନର ଯୁଆଳି ଅଧୀନରେ ରହିବା । ଯେତେବେଳେ ଆମେ ଶୟତାନର ଯୁଆଳି ଅଧୀନରେ ରହିବା, ସେତେବେଳେ ଆମ ନିକଟରେ ଆମର ପରିବାର ପାଇଁ, ଈଶ୍ୱରଙ୍କ ସହିତ ଆମର ବ୍ୟକ୍ତିଗତ ସଂପର୍କ ପାଇଁ, ଆମ ମଣ୍ଡଳୀର କାର୍ଯ୍ୟ ପାଇଁ ସମୟ ରହିବ ନାହିଁ । ଆମେ ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ଇଚ୍ଛା କିମ୍ୱା ଈଶ୍ୱରଙ୍କ ଉଦ୍ଦେଶ୍ୟର ବାହାରେ ରହିବା । ଏହା ଏକ ମନୋନୟନର ସମୟ ଅଟେ ।

ଆପଣ ହୁଏତ ବର୍ତ୍ତମାନ ଛକ ସ୍ଥାନରେ ଦ୍ୱନ୍ଦ୍ୱଗ୍ରସ୍ତ ଓ ବ୍ୟଗ୍ର ହୋଇ ଠିଆ ହୋଇଛନ୍ତି । ଆପଣ ପ୍ରତ୍ୟେକ ଦିଗରୁ ଟାଣି ହେବା ଭଳି ଅନୁଭବ କରୁଛନ୍ତି ଓ କୌଣସି ମନୋନୟନ କରିବା ପାଇଁ ଅସମର୍ଥ ଅଟନ୍ତି । ନିଜକୁ ସେହି ଯୀଶୁ ଖ୍ରୀଷ୍ଟଙ୍କ ହସ୍ତରେ ସମର୍ପଣ କରନ୍ତୁ ଯିଏ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ ମୃତ୍ୟୁବରଣ କରିଥିଲେ, ଯିଏ ଆମର ସମସ୍ତ ଯନ୍ତ୍ରଣା, ଚିନ୍ତା, ବିଫଳତା, ଅଭିଶାପ ଓ ଦଣ୍ଡ ନେଇ ଯାଇଥିଲେ । ସେ ଆମର ପଥକୁ ସଳଖ ଓ ସ୍ୱଷ୍ଟ କରି ପାରନ୍ତି ।

କିମ୍ୱା ଆପଣ ହୁଏତ କହିପାରନ୍ତି, "ଆପଣ ଜାଣନ୍ତି ଯେ ମୁଁ ମୋର ବାଲ୍ୟକାଳରୁ ପ୍ରଭୁଙ୍କର ସେବା କରି ଆସୁଛି । ଦେଖନ୍ତୁ, ମୋ' ପ୍ରତି କ'ଣ ଘଟିଛି, ମୁଁ ଏହାର ଯୋଗ୍ୟ ନୁହେଁ । ମୁଁ ଈଶ୍ୱରଙ୍କ ନିକଟକୁ ଆସିବାକୁ ଇଚ୍ଛା କରୁ ନାହିଁ । ମୁଁ ତାଙ୍କ ନିକଟକୁ ଆସି ଆଘାତ ପାଇବା ଅପେକ୍ଷା ବରଂ, ତାଙ୍କଠାରୁ ଦୂରେଇ ରହିବା ଭଲ । ଆମେ ଉଭୟ ଜଗତ ଓ ଈଶ୍ୱରଙ୍କୁ ଚାହୁଁ । ମୁଁ, ବରଂ ଦୂରରୁ ତାଙ୍କର ଅନୁଗମନ କରିବି ।"

## ଦୂରରୁ !

ବାଇବଲ ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ ବର୍ଣ୍ଣନା କରିଛି ଯିଏ କିଛି ଦୂରତାରେ ରହି ଯୀଶୁ




ପିତର କିଛି ଦୂରରେ ରହି ତାଙ୍କର ଅନୁଗମନ କରୁଥିଲେ ।

ଖ୍ରୀଷ୍ଟଙ୍କର ଅନୁଗମନ କରୁଥିଲେ ଓ ପରବର୍ତ୍ତୀ ଘଟଣା ଗୁଡ଼ିକୁ ଜାଣିବା ପାଇଁ ଚେଷ୍ଟା କରୁଥିଲେ । କିଛି ଦୂରତାରେ ରହି ଯୀଶୁ ଖ୍ରୀଷ୍ଟଙ୍କର ଅନୁଗମନ କରିବା ଏକ ବିପଜ୍ଜନକ କାର୍ଯ୍ୟ ଅଟେ । ଆପଣ ଅତିଶୀଘ୍ର ଏହା ଆବିଷ୍କାର କରିବେ ଯେ ଆପଣ ଈଶ୍ୱରଙ୍କଠାରୁ ଦୂରେଇ ଯାଇଛନ୍ତି ଓ ବିଶ୍ୱାସ ଘାତକତା କରିଛନ୍ତି । କିଏ ଦୂରରୁ ଯୀଶୁଙ୍କର ଅନୁଗମନ କରିଥିଲେ, ତାହା ଆପଣ କହିପାରିବେ କି ? ହଁ, ପିତର ! – **"କିନ୍ତୁ ପିତର ଦୂରରେ ରହି ... ତାହାଙ୍କ ପଛେ ପଛେ ଗଲେ"** ... (ମାଥିଉ ୨୬:୫୮) ।

ଦୂରରୁ ଅନୁଗମନ କରିବାର ଅର୍ଥ ବିଫଳ ହେବା ପାଇଁ ପ୍ରସ୍ତୁତ ହେବା । ଯଦି ଆପଣ ଦୂରରୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗମନ କରୁଛନ୍ତି, ତେବେ ଆପଣଙ୍କୁ ଏକ ନିଷ୍ପତ୍ତି ନେବାକୁ ହେବ କାରଣ ଆପଣ ଛକ ସ୍ଥାନରେ ଅଛନ୍ତି । ଯୀଶୁ ଖ୍ରୀଷ୍ଟ କହୁଛନ୍ତି, **"ମୁଁ ତୁମକୁ ଖୋଜୁଅଛି ।"**

ଆପଣ ଯେଉଁଠାକୁ ଗଲେ ମଧ ସେ ଆପଣଙ୍କୁ ଖୋଜି ବାହାର କରିବେ ।

## ୨. ଫିଟାଇବା



ଯେତେବେଳେ ଶିଷ୍ୟମାନେ ଗୋଟିଏ ଗଧ ଖୋଜିବାକୁ ଗଲେ, ସେତେବେଳେ ଏହାକୁ ଦ୍ୱାର (ଛକ) ନିକଟରେ ବନ୍ଧା ଯାଇଥିବାର ଦେଖିଲେ ।

ଆମର ଈଶ୍ୱର କୋମଳ ଅଟନ୍ତି । ସେ କେବେ ହେଲେ କାହାରିକୁ ତାଙ୍କ ନିକଟକୁ ଆସିବା ପାଇଁ ବାଧ କରନ୍ତି ନାହିଁ । ଆମ ପାଇଁ ତାଙ୍କର ପ୍ରେମ ଏତେ ଅଧିକ ଅଟେ ଯେ ସେ ସେହି ଅପବ୍ୟୟୀ ପୁତ୍ରର ପିତା ସଦୃଶ ଅପେକ୍ଷା କରିବେ ଯିଏ ପ୍ରତିଦିନ ନିଜ ପୁତ୍ରର ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ରହୁଥିଲେ । ତାହା ଆମ ସ୍ୱର୍ଗୀୟ ପିତାଙ୍କର ପ୍ରେମ ଅଟେ । ସେ ଏପର୍ଯ୍ୟନ୍ତ ଆପଣଙ୍କୁ ଅପେକ୍ଷା କରୁଛନ୍ତି ।

ପ୍ରିୟ ଭାଇ ଓ ଭଉଣୀମାନେ, ଈଶ୍ୱର ଆପଣଙ୍କର ବନ୍ଧନ ଫିଟାଇବାକୁ ଇଚ୍ଛା କରନ୍ତି ! ଆପଣ କେଉଁ ବିଷୟ ସହିତ ବାନ୍ଧି ହୋଇ ରହିଛନ୍ତି ?

ଆମ ମଧ୍ୟରୁ କେତେ ଜଣ ବନ୍ଧନ ମୁକ୍ତ ହେବାକୁ ଇଚ୍ଛା କରନ୍ତି ନାହିଁ କାରଣ ଆମର ମନ ଓ ହୃଦୟ ପରସ୍ପରର ବିରୋଧୀ ଅଟେ । ଆମେ କହୁ, **"ପ୍ରଭୋ, ତୁମର ଇଚ୍ଛା ସାଧିତ ହେଉ"**, ମାତ୍ର ଏହାପରେ ଆମେ କହୁ, **"ପ୍ରଭୁ, ମୋ' ହୃଦୟର ଇଚ୍ଛାକୁ ସଫଳ କର ।"** ଏହି ବିରୋଧାଭାସ ଆମକୁ ଆମ ଖ୍ରୀଷ୍ଟୀୟ ଗମନା ଗମନରେ ପଛକୁ ଟାଣି ଧରେ । ଈଶ୍ୱର ଆମ ନିମନ୍ତେ ଯାହା ଯୋଜନା କରିଛନ୍ତି, ସେହି ଦିଗରେ ଆମେ ଅଗ୍ରସର ହେଉ ବୋଲି ଈଶ୍ୱର ଇଚ୍ଛା କରନ୍ତି, ମାତ୍ର ଆମେ ଆମ ନିଜସ୍ୱ ଇଚ୍ଛା ଦ୍ୱାରା ପଛକୁ ଟାଣି ହେଉ ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ନିହିମିଆ ବାଇବଲ
ଆବାସିକ ମହାବିଦ୍ୟାଳୟ, ଚେନ୍ନାଇ

ମାଧ୍ୟମ ~ ହିନ୍ଦୀ

ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ମିନିଷ୍ଟ୍ରିରେ ସାର୍ଟିଫିକେଟ
ଥିଓଲୋଜିରେ ଡିପ୍ଲୋମା

ଶୀଘ୍ର ଆଡ୍‌ମିଶନ କରନ୍ତୁ !

Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୪ ଜୁନ ୧୯ ରୁ ୨୦୨୪ ଜୁଲାଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଜୁନ ୧୯ ⇨ ୧୯୬୯ରୁ ଆଜି ପର୍ଯ୍ୟନ୍ତ ସୁସମାଚାର ପତ୍ରିକା ପ୍ରତି ଆମ ସମର୍ପଣ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୦ ⇨ ନିହିମିୟା ବାଇବଲ କଲେଜର ଆବାସିକ ଓ ସାଂଧ୍ୟ ପାଠପଢ଼ା ନିମନ୍ତେ ଛାତ୍ରମାନଙ୍କ ସହିତ ଯୋଗାଯୋଗ କରିବାରେ ଆମ ପ୍ରଚେଷ୍ଟାକୁ ଆଶୀର୍ବାଦ କରିଥିବାରୁ ।

ଜୁନ ୨୧ ⇨ ୨୦୨୪ ଜୁନ ୧ ତାରିଖରେ ଅନୁଷ୍ଠିତ ଆମ ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବକୁ ସୁନ୍ଦର ଭାବରେ ପାଳନ କରିପାରିଥିବାରୁ ।

ଜୁନ ୨୨ ⇨ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ୨୦୨୩-୨୪ ଶିକ୍ଷାବର୍ଷକୁ ସଫଳତାର ସହିତ ସଂପୂର୍ଣ୍ଣ କରିପାରିଥିବାରୁ ।

ଜୁନ ୨୩ ⇨ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ "ଆହ୍ୱାନର ପ୍ରତିଧ୍ୱନି" ୟୁ-ଟ୍ୟୁବ ବାର୍ତ୍ତା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୪ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅନୁଷ୍ଠିତ ଛୁଟୀ ଦିବସୀୟ ବାଇବଲ ସ୍କୁଲ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୫ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ତାଙ୍କର ସଂପ୍ରସାରିତ ଦୟା ନିମନ୍ତେ ।

ଜୁନ ୨୬ ⇨ ଆମର "Global Vision for Yourth and Kid Care Ministry" ଉପରେ ବିଶେଷ ଭାବରେ ପ୍ରତିଦିନ ଯୁବା ଓ ପିଲାମାନଙ୍କ ନିମନ୍ତେ ରାତି ୧୦ଟାରେ ଚାଲୁଥିବା ପ୍ରାର୍ଥନା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୭ ⇨ ଏ ପର୍ଯ୍ୟନ୍ତ ଅନୁଷ୍ଠାନକୁ ସଫଳ ଭାବରେ ଚଳାଇବା ପାଇଁ ଆମର ଉଦ୍ୟମ ନିମନ୍ତେ ।

ଜୁନ ୨୮ ⇨ ଆମର ଶୁଭେଚ୍ଛୁମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ନିମନ୍ତେ ।

ଜୁନ ୨୯ ⇨ ୨୦୨୪ ମଇ ୧୩ ତାରିଖରେ ଅନୁଷ୍ଠିତ ଆମ ନିହିମିୟା ବାଇବଲ କଲେଜର ପୁରାତନ ଛାତ୍ର ମିଳନ ଉତ୍ସବ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୩୦ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଜୁଲାଇ ୧ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ସେବାକାର୍ଯ୍ୟରେ ସହଯୋଗ କରୁଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ଯୋଗାଇଥିବାରୁ ।

ଜୁଲାଇ ୨ ⇨ ଆମର ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସ୍‌ପଣ୍ଡେନ୍ସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩ ⇨ ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

## ପ୍ରାର୍ଥନାର ବିଷୟ

ଜୁଲାଇ ୪ ⇨ ଈଶ୍ୱର ଯେପରି ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ପାଇଁ ଅଧିକ ସମର୍ପିତ କାର୍ଯ୍ୟକାରୀ ଯୋଗାଇବେ ।

ଜୁଲାଇ ୫ ⇨ ବିଶ୍ୱସ୍ତରରେ ଅନୁଷ୍ଠିତ ହୋଇଥିବା ଛୁଟୀ ଦିବସୀୟ ବାଇବଲ ସ୍କୁଲର ପାଠ ପଢ଼ା ମାଧ୍ୟମରେ ପରିତ୍ରାଣ ପାଇଥିବା ଯୁବା ଓ ପିଲାମାନଙ୍କ ନିମନ୍ତେ ।

ଜୁଲାଇ ୬ ⇨ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ନିମନ୍ତେ ଯୋଗ୍ୟ ଛାତ୍ରମାନଙ୍କର ଆଡମିଶନ୍ ସକାଶେ ।

ଜୁଲାଇ ୭ ⇨ ୨୦୨୪-୨୫ ଶିକ୍ଷା ବର୍ଷରେ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ନୂତନ ଛାତ୍ରମାନଙ୍କର ଆଡମିଶନ ନିମନ୍ତେ ।

ଜୁଲାଇ ୮ ⇨ ଦୁର୍ଗମ ଅଞ୍ଚଳରେ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁଥିବା ମିଶନେରୀମାନଙ୍କର ସୁରକ୍ଷା ନିମନ୍ତେ ।

ଜୁଲାଇ ୯ ⇨ ଆମର କର୍ମଚାରୀ ଓ ଛାପାକଳର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଜୁଲାଇ ୧୦ ⇨ ଈଶ୍ୱର ଯେପରି ଏହି ମାସ ଆମର ଆବଶ୍ୟକତା ପୂରଣ କରିବେ ।

ଜୁଲାଇ ୧୧ ⇨ ଦଳିତ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ।

ଜୁଲାଇ ୧୨ ⇨ ଈଶ୍ୱର ଯେପରି ସମସ୍ତ ଦେଶରେ ଈଶ୍ୱର ଭୟାଳୁ ନେତାମାନଙ୍କୁ ଯୋଗାଇବେ ।

ଜୁଲାଇ ୧୩ ⇨ ଭାରତର ଦୁର୍ଗମ ଅଞ୍ଚଳରେ ସୁସମାଚାର ପହଞ୍ଚାଇବା ପାଇଁ ଆମକୁ ସାହାଯ୍ୟ କରିବା ନିମନ୍ତେ ।

ଜୁଲାଇ ୧୪ ⇨ ସମଗ୍ର ପୃଥିବୀରେ ଯେପରି ଶାନ୍ତି ପ୍ରତିଷ୍ଠା ହେବ ।

ଜୁଲାଇ ୧୫ ⇨ ନିଜର ଆତ୍ମ ଜୀବନୀ ଲେଖିବାରେ ଆମ ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ ।

ଜୁଲାଇ ୧୬ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱ ବ୍ୟାପୀ ସୁସମାଚାର ପ୍ରସାର ନିମନ୍ତେ ।

ଜୁଲାଇ ୧୭ ⇨ ଆମ ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କର ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେବା ପାଇଁ ।

ଜୁଲାଇ ୧୮ ⇨ ସମଗ୍ର ପୃଥିବୀରେ ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଆପଣ ପ୍ରଭୁଙ୍କର ସେବା କରିବା ପାଇଁ ଓ ତାଙ୍କର ଏକ ସନ୍ତୋଷଜନକ ଜୀବନ କାଟିବା ପାଇଁ ଇଚ୍ଛା କରନ୍ତି, ମାତ୍ର ଏପରି ବନ୍ଧା ହୋଇ ରହିଥାନ୍ତି ଯେ ଚଳପ୍ରଚଳ ହୋଇପାରନ୍ତି ନାହିଁ । ଆପଣ ମନର ଏକ ଭଗ୍ନାବସ୍ଥାରେ, ଚୂର୍ଣ୍ଣବିଚୂର୍ଣ୍ଣ ହେବା ଭଳି ଅନୁଭବ କରନ୍ତି,



**ଈଶ୍ୱର ଆପଣଙ୍କ ଅଶ୍ରୁ ଜାଣନ୍ତି**

କେବଳ ଈଶ୍ୱର ଆପଣଙ୍କ ହୃଦୟ ଜାଣନ୍ତି । ଲୋକମାନେ କେବଳ ଆପଣଙ୍କ ହାସ୍ୟ ଦେଖନ୍ତି, ରାତିର ଅନ୍ଧକାରରେ ଆପଣ ଝରାଉଥିବା ଅଶ୍ରୁକୁ କେହି ଦେଖନ୍ତି ନାହିଁ ।

ଈଶ୍ୱର ଆପଣଙ୍କୁ ବାନ୍ଧି ରଖିଥିବା ପ୍ରତିବନ୍ଧକ ଗୁଡ଼ିକର, ଆପଣଙ୍କ ଅଗ୍ରଗତିରେ ବାଧା ସୃଷ୍ଟି କରୁଥିବା ଫାନ୍ଦଗୁଡ଼ିକରୁ ମୁକ୍ତ କରିବାକୁ ଇଚ୍ଛା କରନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଫେରନ୍ତୁ, ସେ ସକ୍ରିୟ ଭାବେ ଲୋକମାନଙ୍କୁ ବନ୍ଧନରୁ ମୁକ୍ତ କରୁଛନ୍ତି । ଏହା ଆପଣଙ୍କର ସମୟ ଅଟେ, ଆପଣଙ୍କୁ ସୀମିତ ରଖିଥିବା ବନ୍ଧନଗୁଡ଼ିକୁ ଢ଼ୁଗୁଳା କରିବା ପାଇଁ ପ୍ରଭୁଙ୍କୁ ବିନତି କରନ୍ତୁ । ଆପଣଙ୍କ ଯାତ୍ରାରେ ବାଧା ସୃଷ୍ଟି କରୁଥିବା ଚକ୍ରଗୁଡ଼ିକୁ ଭାଙ୍ଗି ମୁକ୍ତି ଓ ଅଗ୍ରଗତି ଅନ୍ୱେଷଣ କରନ୍ତୁ ।

## ବିଲିୟମ ଓ ବାଲାକ୍

ଗଣନା ପୁସ୍ତକର ୨୨ ଅଧ୍ୟାୟରେ ଭାବବାଦୀ ବିଲିୟମଙ୍କର କାହାଣୀ ଅଛି । ବାଇବଲରେ ଲେଖାଅଛି ଯେ ତାଙ୍କ ନିକଟରେ ଆଶୀର୍ବାଦ କରିବାର ଓ ଅଭିଶାପ ଦେବାର ଶକ୍ତି ଥିଲା, ସେଥିପାଇଁ ମୋୟାବର ରାଜା, ବାଲାକ୍ ଇସ୍ରାଏଲୀୟମାନଙ୍କୁ ଅଭିଶାପ ଦେବା ପାଇଁ ତାଙ୍କୁ ତିନିଥର ଅନୁରୋଧ କରିଥିଲେ । ଏହା ଯେ ଈଶ୍ୱରଙ୍କ ଇଚ୍ଛା ନୁହେଁ, ତାହା ସେ ପ୍ରଥମରୁ ଜାଣିଥିଲେ । କିନ୍ତୁ ସେ ସେହି ଦ୍ୱାର ନିକଟରେ ବନ୍ଧା ଯାଇଥିବା ଗଧ ସଦୃଶ ଥିଲେ – ଅର୍ଥ, ଯଶ, ସଂପତ୍ତି, କ୍ଷମତା, କର୍ତ୍ତୃତ୍ୱ ଓ ସମ୍ମାନ ସହିତ ବନ୍ଧା ଯାଇଥିଲେ । ଈଶ୍ୱର ଯାହା ଚାହୁଁଥିଲେ ଓ ସେ ଯାହା ଚାହୁଁଥିଲେ –



*ମୋୟାବର ରାଜା ଇସ୍ରାଏଲୀୟମାନଙ୍କୁ ଅଭିଶାପ ଦେବା ପାଇଁ ବିଲିୟମଙ୍କୁ ଅନୁରୋଧ କରିଥିଲେ ।*


ଏହି ଦୁଇଟିକୁ ପାଳନ କରିବା ମଧ୍ୟରେ ସେ ଚିରି ହୋଇ ଯାଉଥିଲେ ।

ପ୍ରିୟ ବନ୍ଧୁଗଣ, ଯଦି ଆପଣ ବିଲିୟମଙ୍କ ପରି ଛକ ସ୍ଥାନରେ ରହିବା ଅବ୍ୟାହତ ରଖିଛନ୍ତି, ତେବେ ଏହା ଏକ ଆନନ୍ଦଦାୟକ ଆରୋହଣ ହେବ ନାହିଁ । ପ୍ରଭୁଙ୍କର ଦୂତ ତାଙ୍କ ବିରୁଦ୍ଧରେ ଏକ ପ୍ରତିବନ୍ଧକ ଭାବରେ ପଥ ମଧ୍ୟରେ ଠିଆ ହୋଇଥିଲେ । ''ଈଶ୍ୱର ତାଙ୍କୁ ବିରୋଧ କରିଥିଲେ ।''

ଯଦି ଆପଣ ଆଜି ଆପଣଙ୍କର ମାର୍ଗ ପରିବର୍ତ୍ତନ କରିବେ ନାହିଁ, ତେବେ ଈଶ୍ୱର ଆପଣଙ୍କ ବିରୁଦ୍ଧରେ ଏକ ଖଡ୍‌ଗ ଧରି ଠିଆ ହେବେ ।

ଈଶ୍ୱର ଆପଣଙ୍କୁ ଫିଟାଇ ଦେବାକୁ ଇଚ୍ଛା କରନ୍ତି ମାତ୍ର ପ୍ରଶ୍ନ ହେଉଛି – ଆପଣ ମୁକ୍ତ ହେବାକୁ ଚାହାଁନ୍ତି କି ?

## ୩. ଘେନି ଆସିବା



ଈଶ୍ୱର ଯେପରି ଆପଣଙ୍କୁ ଫେରାଇ ଆଣିବେ, ଏଥିପାଇଁ ସେ ଆପଣଙ୍କ ନିମନ୍ତେ ଅପେକ୍ଷା କରୁଛନ୍ତି ।

ଈଶ୍ୱର ଆପଣଙ୍କୁ ଫେରାଇ ଆଣିବା ପାଇଁ ଇଚ୍ଛା କରୁଥିବା ସମୟରେ, ପ୍ରଥମେ ଆପଣ ଜଣେ ସାଧୁ ହୁଅନ୍ତୁ ଓ ଏହାପରେ ତାଙ୍କ ନିକଟକୁ ଆସନ୍ତୁ ବୋଲି ସେ ଆବଶ୍ୟକ କରନ୍ତି ନାହିଁ । ଆପଣ ଯେପରି ଅଛନ୍ତି, ସେହିପରି ଆପଣଙ୍କ ଜିନିଷପତ୍ର, ଯନ୍ତ୍ରଣା, ନୈରାଶ୍ୟ, କ୍ରୋଧ, ହତାଶ, ପରାଜୟ ଓ ନିଃସଙ୍ଗତା ସହିତ ଆସନ୍ତୁ ।

ଯୀଶୁ ଖ୍ରୀଷ୍ଟ ଆପଣଙ୍କ ସଂଘର୍ଷ ପ୍ରତି ଅନୁକମ୍ପା ଦେଖାନ୍ତି । ତାଙ୍କ ଜୀବନର ଅନ୍ତିମ ସମୟରେ, ସେ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିୟା ବାଇବଲ
ସାଂଧ୍ୟ କଲେଜ
ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ମାଧ୍ୟମ - ତାମିଲ
ECHO OF HIS CALL 1969-2019
REACHING NATIONS
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ମିନିଷ୍ଟ୍ରିରେ ସାର୍ଟିଫିକେଟ
ଥିଓଲୋଜିରେ ଡିପ୍ଲୋମା
ଶୀଘ୍ର ଆଡ୍‌ମିଶନ କରନ୍ତୁ !
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଯୀଶୁ ଖ୍ରୀଷ୍ଟ - ଆଶ୍ଚର୍ଯ୍ୟ କର୍ମକାରୀ !

*"କେହି ଯେବେ ମୋହର ସେବା କରେ, ତେବେ ପିତା ତାହାଙ୍କୁ ସମ୍ମାନ ଦେବେ" (ଯୋହନ ୧୨:୨୬) ।*

ଈଶ୍ୱର ବିଭିନ୍ନ ସମୟରେ ମୋ' ମାଧ୍ୟମରେ ମହତ୍ ମହତ୍ କାର୍ଯ୍ୟ ସବୁ ସାଧନ କରିଥିଲେ । ଈଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଓ ବାହାରେ ମଧ୍ୟ ସେବାକାର୍ଯ୍ୟରେ ଆଶ୍ଚର୍ଯ୍ୟକର୍ମ ଓ ବିସ୍ମୟଜନକ କାର୍ଯ୍ୟ ସାଧନ କରିବା ଦ୍ୱାରା ମୋତେ ସମ୍ମାନିତ କରିଥିଲେ । ଏହା ମାଧ୍ୟମରେ ଏହି ସେବାକାର୍ଯ୍ୟର ସୁଗନ୍ଧି ପୃଥିବୀର ଅନେକ ଅଞ୍ଚଳକୁ ସଂପ୍ରସାରିତ ହୋଇଅଛି । ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହେଉ ।

ଥରେ ମୁଁ ଯେତେବେଳେ ଅଷ୍ଟ୍ରେଲିୟାର ସିଡ୍‌ନୀ, ମେଲବୋର୍ଣ୍ଣ ଓ ବ୍ରିସବେନରେ ପ୍ରଚାର କରୁଥିଲି, ସେତେବେଳେ ଅନେକ ଲୋକ ଈଶ୍ୱରଙ୍କ ଗୌରବମୟ ସ୍ପର୍ଶକୁ ଅନୁଭବ କରିଥିଲେ ।

ଦିନେ ଗୋଟିଏ ଅଷ୍ଟ୍ରେଲୀୟ ଦମ୍ପତି ସେହି ଗୃହରେ ମୋତେ ସାକ୍ଷାତ୍ କରିବାକୁ ଆସିଥିଲେ ଯେଉଁଠାରେ ମୁଁ ରହୁଥିଲି । ସେମାନେ ଅଶ୍ରୁର ସହିତ ମୋତେ କହିଥିଲେ ଯେ ୧୩ ବର୍ଷ ଧରି ବିବାହିତ ରହିଥିଲେ ସୁଦ୍ଧା ସେମାନଙ୍କର କୌଣସି ସନ୍ତାନ ନ ଥିଲା । ସେମାନେ ଏହା ମଧ୍ୟ କହିଥିଲେ ଯେ ସେମାନେ ଶାନ୍ତି ପୂର୍ଣ୍ଣ ଭାବରେ ବିବାହ ବିଚ୍ଛେଦ କରିବାକୁ ଯାଉଛନ୍ତି । ସେଥିପାଇଁ ପ୍ରାର୍ଥନା କରିବା ନିମନ୍ତେ ସେମାନେ ମୋତେ କହିଥିଲେ (ସେମାନଙ୍କ ଦେଶରେ ବିବାହ ବିଚ୍ଛେଦ ଅତି ସାଧାରଣ ଅଟେ) ।

ମୁଁ ଅତି ଦୁଃଖିତ ହେଲି । ଈଶ୍ୱର ଯେପରି ସେମାନଙ୍କୁ ଏକ ସନ୍ତାନ ଦେବେ, ସେଥିପାଇଁ ମୁଁ ପ୍ରାର୍ଥନା କରିପାରିବି କି ବୋଲି ସେମାନଙ୍କୁ ପଚାରିଲି । ସେମାନେ ମୋତେ ଉପହାସ କଲେ ଓ ମୋତେ କହିଲେ ଯେ ସେମାନେ ଅନେକ ପ୍ରସିଦ୍ଧ ଡାକ୍ତରଙ୍କ ନିକଟକୁ ଯାଇ ସାରିଛନ୍ତି, ମାତ୍ର ସେମାନେ କିଛି କରିପାରି ନାହାନ୍ତି । ସେମାନେ ମୋତେ ପ୍ରଶ୍ନ କରିଥିଲେ, "ପ୍ରାର୍ଥନା କିପରି ଏକ ସନ୍ତାନ ଉତ୍ପନ୍ନ କରିପାରିବ ?" ସେଥିପାଇଁ ମୁଁ ସେମାନଙ୍କ ସହିତ ବସି ବିଶ୍ୱାସ ଓ ଏହାର ପରିଣତି ବିଷୟରେ ଓ ଈଶ୍ୱରଙ୍କ ଶକ୍ତି ବିଷୟରେ ସେମାନଙ୍କୁ ପରାମର୍ଶ ଦେଇଥିଲି । ପରେ, ମୁଁ ସେମାନଙ୍କ ନିମନ୍ତେ ଅତି ଉଦ୍‌ଯୋଗର ସହିତ ଆତ୍ମାରେ ପ୍ରାର୍ଥନା କରିଥିଲି । ଈଶ୍ୱରଙ୍କର ପ୍ରଶଂସା ହେଉ । ପ୍ରାୟ ଦୁଇ ମାସ ପରେ, ମୁଁ ଅଷ୍ଟ୍ରେଲିଆରୁ ଭାରତକୁ ଫେରୁଥିଲି । ଯେତେବେଳେ ମୁଁ ବିମାନ ବନ୍ଦରରେ ପହଞ୍ଚିଲି, ସେଠାରେ ସେହି ଦମ୍ପତିଙ୍କୁ ମୋ' ନିମନ୍ତେ ଗୋଟିଏ ବଡ଼ ଉପହାର ପ୍ୟାକେଟ ଆଣିଥିବାର ଦେଖିଲି । ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହେଲି ଯେ ସେମାନେ ସେହି ବିମାନ ବନ୍ଦରରେ ପ୍ରାୟ ୧୦ ମିନିଟ ଧରି କ୍ରନ୍ଦନ କରୁଥିଲେ । ସମଗ୍ର ଜନତା ସେମାନଙ୍କୁ ଦେଖୁଥିଲା ।



ଈଶ୍ୱର ସେମାନଙ୍କୁ ତିନୋଟି ସନ୍ତାନ ଦେଇ ଆଶୀର୍ବାଦ କରିଥିଲେ ।

ଶେଷରେ, ସ୍ୱାମୀ ଜଣଙ୍କ ମୋତେ ଏହା କହିଥିଲେ ଯେ ତାଙ୍କର ସ୍ତ୍ରୀ ଗର୍ଭବତୀ ହୋଇଛନ୍ତି ଓ ସେହି ଦିନ ହିଁ ଡାକ୍ତର ଏହାକୁ ସୁନିଶ୍ଚିତ କରିଛନ୍ତି । ସେମାନେ ଅତି ଖୁସି ଥିଲେ ଓ ଉପହାର ପ୍ୟାକେଟରେ ମୋ' ସେବାକାର୍ଯ୍ୟ ନିମନ୍ତେ ଅନେକ ପୋଷାକ ଓ ଦରକାରୀ ସାମଗ୍ରୀ ରଖିଥିଲେ । ଈଶ୍ୱର ସେମାନଙ୍କୁ ଏକ କନ୍ୟା ସନ୍ତାନ ଦେଇଥିଲେ ଓ ପରେ ଆଉ ଦୁଇଟି ପୁତ୍ର ଦେଇ ସେମାନଙ୍କୁ ଆଶୀର୍ବାଦ କରିଥିଲେ ।

ପ୍ରିୟ ବନ୍ଧୁ, ଈଶ୍ୱର ଆପଣଙ୍କ ଜୀବନରେ ମଧ୍ୟ ସେହିପରି ଆଶ୍ଚର୍ଯ୍ୟ କର୍ମ ସାଧନ କରିବାକୁ ସମର୍ଥ ଅଟନ୍ତି । ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତୁ ଓ ବିଶ୍ୱାସ ସହିତ ତାଙ୍କୁ ମାଗନ୍ତୁ । ସେ ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ମୁଁ ଯେଉଁ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଚାର କରେ, ସେ ନିଃସନ୍ତାନ ଦମ୍ପତିମାନଙ୍କୁ ସନ୍ତାନ ଦେବା ପାଇଁ ସମର୍ଥ ଅଟନ୍ତି, ଅସୁସ୍ଥ ଶରୀରକୁ ସୁସ୍ଥ କରିପାରନ୍ତି ଓ ଅନ୍ୟାନ୍ୟ ଆଶୀର୍ବାଦ ଦେଇପାରନ୍ତି । ସେ କାଲି, ଆଜି ଓ ଚିରିଦିନ ସମାନ ଅଟନ୍ତି । ଈଶ୍ୱରଙ୍କର ଗୌରବ ହେଉ !

***

---

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ଦଳେ ଲୋକଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ ମଧ୍ୟ, ଗେତ୍‌ଶିମନୀ ଉଦ୍ୟାନରେ ବହୁ ପରିମାଣରେ ନିଃସଙ୍ଗତା ଅନୁଭବ କରିଥିଲେ । ଆପଣଙ୍କର ହୁଏତ ଧନ, ପ୍ରଭାବ ଓ ଖ୍ୟାତି ଥାଇପାରେ, ତଥାପି ଆପଣ ନିଃସଙ୍ଗତା ସହିତ ସଂଘର୍ଷ କରନ୍ତି । ଈଶ୍ୱର ନିଃସଙ୍ଗତାର ଗଭୀରତାକୁ ବୁଝନ୍ତି । ସେ ଆଦମଙ୍କର ନିଃସଙ୍ଗତାକୁ ଦୂର କରିବା ପାଇଁ ହବାଙ୍କୁ ନିର୍ମାଣ କରିଥିଲେ । ଏହା ସତ୍ତ୍ୱେ, ଆମ ମଧ୍ୟରୁ ଅନେକେ ନିଃସଙ୍ଗତା ଓ ଉଗ୍ରତା ରୂପକ ଅବର୍ଣ୍ଣନୀୟ ଦୁଃଖ ସହିତ ସଂଘର୍ଷ କରନ୍ତି ।

ଈଶ୍ୱର ଆପଣଙ୍କୁ ଅନ୍ୱେଷଣ କରୁଛନ୍ତି । ସେ ଯେପରି ଆପଣଙ୍କୁ ତାଙ୍କ ନିକଟକୁ ଆଣି ପାରିବେ, ଏଥିପାଇଁ ସେ ଆପଣଙ୍କୁ ବନ୍ଧନମୁକ୍ତ କରିବାକୁ ଇଚ୍ଛା କରନ୍ତି ।

ଆପଣ ହୁଏତ ଭଗ୍ନ, ଅପମାନିତ, ପରାଜିତ ହୋଇ ପାରନ୍ତି, ମାତ୍ର ଈଶ୍ୱର ଆଜି ଆପଣଙ୍କୁ ବନ୍ଧନମୁକ୍ତ କରିବାକୁ ଇଚ୍ଛା କରନ୍ତି ।

★ **ସଦାପ୍ରଭୁ ଭଗ୍ନାନ୍ତଃକରଣମାନଙ୍କର ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନାମାନଙ୍କୁ ତ୍ରାଣ କରନ୍ତି"** (ଗୀତସଂହିତା ୩୪:୧୮) ।



- ସେ ଭଗ୍ନାନ୍ତଃକରଣମାନଙ୍କୁ ସୁସ୍ଥ କରନ୍ତି ଓ ସେମାନଙ୍କ କ୍ଷତ ସବୁ ବାନ୍ଧନ୍ତି'' – ଗୀତ ୧୪୭:୩
- **''... ଆମ୍ଭେ ଊର୍ଦ୍ଧ୍ୱ ଓ ପବିତ୍ର ସ୍ଥାନରେ ବାସ କରୁ, ମଧ୍ୟ ନମ୍ର ଲୋକମାନଙ୍କର ଆତ୍ମାକୁ ସଜୀବ ଓ ଚୂର୍ଣ୍ଣମନା ଲୋକମାନଙ୍କର ଅନ୍ତଃକରଣକୁ ସଜୀବ କରିବା ପାଇଁ ଆମ୍ଭେ ଚୂର୍ଣ୍ଣ ଓ ନମ୍ରମନା ଲୋକର ସଙ୍ଗରେ ହେଁ ବାସ କରୁ''** (ଯିଶାଇୟ ୫୭:୧୫) ।

କୌଣସି ବିଷୟକୁ ନୂତନ କରି ନିର୍ମାଣ କରିବା ପାଇଁ ଭଗ୍ନତା ଈଶ୍ୱରଙ୍କ ନିମନ୍ତେ ପ୍ରାକ୍ – ଆବଶ୍ୟକତା ଅଟେ ।

ଆପଣ ହୁଏତ ପାପ, କୁ-ଅଭ୍ୟାସ, ଅସୁସ୍ଥତା, ଅର୍ଥନୈତିକ ଅସୁବିଧା, ବଂଶଗତ ଅଭିଶାପ, କିମ୍ବା ପ୍ରଥା ସହିତ ବାନ୍ଧି ହୋଇ ରହିଥିଲେ, ମାତ୍ର ଈଶ୍ୱର ଆପଣଙ୍କୁ ପ୍ରେମ କରୁଥିବାରୁ ଓ ଆପଣଙ୍କୁ ଫେରାଇ ଆଣିବା ପାଇଁ ଚାହୁଁଥିବାରୁ ଆପଣଙ୍କୁ ମୁକ୍ତ କରିବାକୁ ଇଚ୍ଛା କରୁଛନ୍ତି । ଯଦି ଆପଣ ଈଶ୍ୱରଙ୍କଠାରୁ ବହୁ ଦୂରକୁ ଦୌଡ଼ିବା ଭଳି ଅନୁଭବ କରୁଛନ୍ତି, ତେବେ ମନେରଖନ୍ତୁ, ସେ କହିଛନ୍ତି, **''ମୁଁ ତୁମକୁ ଫେରାଇ ଆଣିବାକୁ ଚାହୁଁଛି ।''** ଆପଣ ତାଙ୍କ ପ୍ରତି ଫେରିବାକୁ ଚାହୁଁଛନ୍ତି କି ?



ଅନେକେ ଛକ ସ୍ଥାନରେ ଠିଆ ହୋଇଛନ୍ତି, ତାଙ୍କ ନିକଟରେ ସମର୍ପିତ ହେବା ପାଇଁ ଆଜି ହିଁ ଆପଣଙ୍କ ମନକୁ ପ୍ରସ୍ତୁତ କରନ୍ତୁ ।

ଯଦି ଆପଣ ସମର୍ପିତ ହେବେ ନାହିଁ, ତେବେ ଈଶ୍ୱର ଆପଣଙ୍କୁ ଛାଡ଼ିଦେବେ, ମାତ୍ର ଆପଣଙ୍କୁ ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ । ମନେରଖନ୍ତୁ, **''ଆପଣଙ୍କ ଠାରେ ପ୍ରଭୁଙ୍କର ପ୍ରୟୋଜନ ଅଛି ।''**

*******

## ଗୀତସଂହିତା ୧୦୩:୨୧-୨୨

''ହେ ସଦାପ୍ରଭୁଙ୍କର ପରିଚାରକ ଓ ତାହାଙ୍କ ଅଭିମତ ସାଧନ ସୈନ୍ୟସକଳ, ତୁମ୍ଭେମାନେ ତାହାଙ୍କର ଧନ୍ୟବାଦ କର ।

ହେ ସଦାପ୍ରଭୁଙ୍କର ହସ୍ତକୃତ କର୍ମ ସକଳ, ତୁମ୍ଭେମାନେ ତାହାଙ୍କ ରାଜ୍ୟର ସର୍ବତ୍ର ତାହାଙ୍କର ଧନ୍ୟବାଦ କର, ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର ।


## ଆବଶ୍ୟକ

**ନିହିମିୟା ବାଇବଲ କଲେଜ,**
**ଆହ୍ୱାନର ପ୍ରତିଧ୍ୱନି, ଚେନ୍ନାଇ**
**ହିନ୍ଦୀ ଭାଷା**

* HINDI LANGUAGE *

ଡିନ୍ (ଆବାସିକ)

ହିନ୍ଦୀ ଥିଓଲୋଜିଆନ୍, ଯୋଗ୍ୟତା – M.DIV/M.Th ଡିଗ୍ରୀ ଓ ଅନୁଭୂତି, ରହିବା ଓ ଖାଇବାର ବ୍ୟବସ୍ଥା ସହିତ ଦରମା ପ୍ରଦାନ କରାଯିବ ।

ଯୋଗ୍ୟ ପ୍ରାର୍ଥୀମାନେ ନିମ୍ନ ଠିକଣାରେ ସେମାନଙ୍କ Bio-data ପ୍ରେରଣ କରିପାରିବେ ।
E.mail: sam@echoofhiscall.org
WhatsApp: (+91) 98412 71858

## ସେଣ୍ଟ ପଲ୍ସ ମ୍ୟାଟ୍ରିକୁଲେସନ୍ ସ୍କୁଲ
### ମେଡାଭକ୍କମ୍, ଚେନ୍ନାଇ – ୧୦୦

- ଅଭିଜ୍ଞ ଶିକ୍ଷକ
- ସର୍ବୋତ୍ତମ ଶିକ୍ଷା
- ଖେଳ ମାଧ୍ୟମରେ ଶିକ୍ଷା
- ବହୁଳ ଖେଳ ସାମଗ୍ରୀ
- ଚିତ୍ରାଙ୍କନ ଓ ଚିତ୍ରକଳା
- ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟ
- ଇଂରାଜୀ କହିବା ପାଇଁ ଶିକ୍ଷା
- ସାଧାରଣ ଦେୟ
- ଶୀତ-ତାପ ନିୟନ୍ତ୍ରିତ ଶ୍ରେଣୀ କକ୍ଷ

**ଏକ ଆହ୍ୱାନର ପ୍ରତିଧ୍ୱନି ଅନୁଷ୍ଠାନ**

**ପ୍ରି.କେ.ଜି, ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଆଡମିଶନ୍**

**ବର୍ତ୍ତମାନ ନାମ ଲେଖାନ୍ତୁ**

ଆବେଦନ ପାଇଁ ସ୍କୁଲ କାର୍ଯ୍ୟାଳୟକୁ ଆସନ୍ତୁ ଓ ଆମ ସହିତ ଯୋଗାଯୋଗ କରନ୍ତୁ – ଫୋନ – ୯୬୩୯୬୩୧୨୯୫, ୦୪୪-୨୨୭୮୦୫୭୪


## ଦୟାକରି ଦୃଷ୍ଟି ଦିଅନ୍ତୁ

### ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଆତ୍ମ ଜୀବନୀ

ଆମେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣମାନଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣମାନଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।

ସମ୍ପାଦକ

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th JUNE 2024.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**